**ରକ୍ଷା ମନ୍ତ୍ରୀଙ୍କ ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ନେଇ ରାଜ୍ୟସଭାରେ ଦେଇଥିବା ମନ୍ତବ୍ୟ ।**

**ତା.୦୮.୦୨.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

୦୫.୦୨.୨୦୧୪ ରେ ରକ୍ଷାମନ୍ତ୍ରୀ ଶ୍ରୀ ଏ.କେ ଆଣ୍ଟୋନୀ ରାଜ୍ୟସଭାରେ ଏକ ମନ୍ତବ୍ୟ ଦେଇଥିଲେ କି ଇଟାଲୀର କୋର୍ଟ ଦ୍ୱାରା ଗୁଇଡ଼ୋ ହାସକେଙ୍କ ଠାରୁ ଯେଉଁ ତଥ୍ୟ ମିଳିଅଛି, ସେଥିରେ ଉଲ୍ଲେଖ ଥିବା ଏଫ.ଏ.ଏମ କୁ ସେ ଫ୍ୟାମିଲି ବୋଲି ମନେକରୁଛନ୍ତି ଏବଂ ତାହା ତ୍ୟାଗୀ ଫ୍ୟାମିଲି ଅଟେ । ମାତ୍ର ସେଥିରେ ଉଲ୍ଲେଖ ଥିବା ଏ.ପ କାହାକୁ ଦର୍ଶାଉଅଛି ତାହା ସେ ବୁଝି ପାରୁନାହାନ୍ତି । ହେଲେ ଖ୍ରୀଷ୍ଟିଆନ ମାଇକେଲଙ୍କ ତଥ୍ୟାନୁଯାୟୀ ସେଥିରେ କିଛି ଭାରତୀୟ ନେତାଙ୍କ ନାମ ମଧ୍ୟ ଉଲ୍ଲେଖ ହୋଇଅଛି । ଉକ୍ତ ତଥ୍ୟର ସ୍ୱଷ୍ଟତା ନିହାତି ଆବଶ୍ୟକ । ୧୫.୦୨.୨୦୦୮ ରେ ଇଟାଲୀର ମଧ୍ୟସ୍ଥିଙ୍କଠାରୁ ମିଳିଥିବା ତଥ୍ୟାନୁଯାୟୀ ଯେଣୁ ଶ୍ରୀମତୀ ଗାନ୍ଧୀ ଭି.ଆଇ.ପି ର ମୁଖ୍ୟ ପରିଚାଳିକା ତେଣୁ ତାଙ୍କୁ ଅଧିକ ଦିନ ଏମ.ଆଇ-୮ କୁ ପରିଚାଳନା କରିବାକୁ ଦିଆଯିବନାହିଁ । ସେଥିରେ ଶ୍ରୀମତୀ ଗାନ୍ଧୀଙ୍କ ସମେତ ତାଙ୍କର କିଛି ପାଖ ଲୋକ ତଥା କିଛି ମନ୍ତ୍ରୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଉଲ୍ଲେଖ ହୋଇଅଛି ।

ଏହି ଲାଞ୍ଚ ଦିଆନିଆ ଯୋଗୁଁ ଉକ୍ତ ଡ଼ିଲ ମଧ୍ୟ ସ୍ଥଗିତ ହୋଇଥିଲା । ତାହା ଦେଶ ପାଇଁ ଏକ ଅନ୍ତର୍ଘାତୀ କାର୍ଯ୍ୟ । ୧୯୮୭ ରେ ଏଭଳି ସ୍ୱିଡ଼େନରେ ହୋଇଥିବା ଡ଼ିଲରେ ମାରଟିନ ଆରଡ଼ୋବ ଙ୍କ ଡ଼ାଏରୀରେ ଯେଉଁ ଇଂରାଜୀ କ୍ୟୁ ଲେଖାଯାଇଥିଲା ତାହାକୁ ଜାଣିବା ଖୁବ ସହଜ ସାଧ୍ୟ ହୋଇଥିଲା । ତେଣୁ ଏଠାରେ ଉକ୍ତ ଡ଼ିଲର ମଧ୍ୟସ୍ଥିଙ୍କୁ ଫ୍ୟାମିଲୀ ବୋଲି ଦର୍ଶାଯାଇ ପାରେ ଏବଂ ଏଠାରେ ଅଯଥାରେ ଭିନ୍ନ ଅର୍ଥ ବାହାର କରିବା ଅସମାଚୀନ ଅଟେ ।